## ଚକ୍ଷୁଦାନ କରି ଅମର ହେଲେ ଜମ୍ମୁଲା ମୋହନ ରାଓ

**ବ୍ରହ୍ମପୁର,୨୯।୧୧/ଏନ୍ଏନ୍ଏସ୍:** ବ୍ରହ୍ମପୁର ବଡବଜାର ନିବାସୀ ଜମ୍ମୁଲା ମୋହନ ରାଓଙ୍କ ୮୨ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି । ଦିବଙ୍ଗତ ମୋହନଙ୍କର ଦୁଇପୁତ୍ର ଜେ. ରବି କୁମାର, ଜେ.ଗଣେଶ ଓ ଏକ ଝିଅ ଅଛନ୍ତି । ଫ୍ରେଣ୍ଡସ ହେଲ୍ପିଙ୍ଗ କ୍ଲବର ପୂର୍ବତନ ସଭାପତି କୁମାର ସ୍ୱାମୀଙ୍କ ପ୍ରେରଣାରେ ଭୁବନେଶ୍ୱରସ୍ଥିତ ଏଲ.ଭି.ପ୍ରସାଦ ଚକ୍ଷୁ ଚିକିତ୍ସାଳୟରେ ମୋହନ ରାଓଙ୍କ ଚକ୍ଷୁଦାନ କରାଯାଇଥିଲା । ଆଜି ଦିନ ୧୨ ଘଣ୍ଟା ସମୟରେ ଏଲ.ଭି.ପ୍ରସାଦ ହସ୍ପିଟାଲର ଡ. ସୁମିତ୍ରା ଚକ୍ଷୁ (କର୍ଣ୍ଣିଆ) ସଂଗ୍ରହ କରି ଚକ୍ଷୁ ବ୍ୟାଙ୍କରେ ସୁରକ୍ଷିତ କରି ରଖିଛନ୍ତି । ଏହାକୁ ଖୁବ ଶୀଘ୍ର କର୍ଣ୍ଣିଆ ଜନିତ ଦୃଷ୍ଟିବାଧିତଙ୍କ ଚକ୍ଷୁରେ ରୋପଣ କରାଯିବ ବୋଲି ଜଣାଇଛନ୍ତି । ଚକ୍ଷୁ ଦାନ ସମୟରେ ପୁଅ ଜେ.ରବି କୁମାର ଓ ନାତି ନୀଳ ରତ୍ନମ୍, ଜମ୍ମୁଲା ଭେଙ୍କଟ ପ୍ରସାଦ, କୋଟଣୀ ନିର୍ମଳ କୁମାର୍, ତିରମୂଳ କୁମାର, ଚିନ୍ନାରି ଭେଙ୍କଟରତ୍ନମ୍, ଈଶ୍ୱର ସୁବୁଦ୍ଧି କୋଞ୍ଚଡା କୁମାର ସ୍ୱାମୀଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ ଦିବଂଗତ ମୋହନଙ୍କ ସ୍ତ୍ରୀ ଜେ. ଅଖିଲେଶ୍ୱେଶ୍ୱରୀ ୨୦୧୧ ମସିହାରେ ଚକ୍ଷୁଦାନ କରିଥିଲେ । ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ଆନୁକୂଲ୍ୟରେ ଏହି ମାସରେ ଦୁଇଜଣ ଓ ଏହିବର୍ଷ ୧୮ ଜଣ ମୃତ୍ୟୁପରେ ନେତ୍ର ଦାନ କରି ଅମର ହୋଇଥିବା ଫ୍ରେଣ୍ଡସ ହେଲ୍ପିଙ୍ଗ୍ କ୍ଲବର ଉପସଭାପତି ଜମ୍ମୁଲା ସୁରେଶ ଜଣାଇଛନ୍ତି ।



## ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟରେ ଭୋଟର ତାଲିକା ଅଭିଯାନ

**ବ୍ରହ୍ମପୁର,୨୯।୧୧/ଏନ୍ଏନ୍ଏସ୍:** ସ୍ଥାନୀୟ ଶଶୀ ଭୂଷଣ ରଥ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭୋଟର ତାଲିକା ପଞ୍ଜିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ଭୋଟର ତାଲିକା ପଞ୍ଜିକରଣ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗୀର ଯୋଗଦେଇ ଛାତ୍ରୀମାନଙ୍କୁ କିପରି ଭୋଟର ତାଲିକାରେ ନିଜ ନାମ ପଞ୍ଜିକରଣ କରିବେ ତାହା ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୨୫୦ରୁ ଅଧିକ ଛାତ୍ରୀ ଯୋଗଦେଇ ଭୋଟର ଆପ୍ ଦ୍ୱାରା ନିଜ ନାମ ପଞ୍ଜିକରଣ କରିଥିଲେ । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସୁବ୍ରତ ରାମ ଭିରାମ ଶତପଥିଙ୍କ ସମେତ ଏକ ସ୍ୱତନ୍ତ୍ର ଟେକ୍ନିକାଲ ଟିମ୍ ମହାବିଦ୍ୟାଳୟକୁ ଯାଇ ଭୋଟର ହେଲ୍ପ ଲାଇନ୍ ଆପ ଦ୍ୱାରା କିପରି ତାଙ୍କ ନାମ ପଞ୍ଜିକରଣ କରିପାରିବେ ତାହା ଉପରେ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରୀ ଯୋଗ ଦେଇ କିପରି ଭୋଟର ଆପ ଦ୍ୱାରା ପଞ୍ଜିକରଣ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପଞ୍ଜିକରଣ ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଶତପଥି ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ ।

## ଶିଶୁ ମହୋତ୍ସବ 'ମହକ'ରେ କନ୍ଧମାଳ ଚାମ୍ପିଅନ୍



**କନ୍ଧମାଳ,୨୯।୧୧/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି, ମହିଳା ଓ ଶିଶୁ ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକ -୨୦୨୪ରେ କନ୍ଧମାଳ ଜିଲ୍ଲା ଚାମ୍ପିଅନ୍ ହୋଇଛି । ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୬୦୦ରୁ ଊର୍ଦ୍ଧ୍ୱ ଶିଶୁମାନେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରୁ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ । ଏହି ପ୍ରତିଯୋଗିତରେ କନ୍ଧମାଳ ଜିଲ୍ଲା ବରିଷ୍ଠ ବିଭାଗର ଦଳଗତ ନୃତ୍ୟରେ ବାଲିଗୁଡ଼ାସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ବନବାସୀ ସେବା ସମିତି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ସାରଙ୍ଗଡ଼ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନ ବିକାଶ ପରିଷଦ ଦ୍ୱିତୀୟ ସ୍ଥାନ ଓ ତର୍କ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଜି.ଉଦୟଗିରି ସ୍ଥିତ ଶୁଭଦ୍ରା ମହତାବ ସେବା ସଦନର ଅନ୍ତେବାସୀ ସୁଶ୍ରୀ ବିମଳା ଛାଟିଆ ପ୍ରଥମ ସ୍ଥାନ ଅଧିକାର କରି କନ୍ଧମାଳ ଜିଲାକୁ ଚାମ୍ପିଅନ୍ କରାଇବାରେ ସକ୍ଷମ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଓ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ କନ୍ଧମାଳକୁ ଚାମ୍ପିଅନ୍ ଘୋଷଣା କରି ଟ୍ରଫି ପ୍ରଦାନ କରାଯାଇଥିଲା ।

## ଛତ୍ରପୁର ରେଳଷ୍ଟେସନ ଉନ୍ନତି ପରାମର୍ଶଦାତା କମିଟିର ବୈଠକ

**ଛତ୍ରପୁର,୨୯।୧୧/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁରର ପୁରାତନ ରେଳ ଷ୍ଟେସନ ଅବହେଳିତ ଅବସ୍ଥାରେ ରହିଛି । ଏହି ଷ୍ଟେସନର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଥମ ଉନ୍ନତି ପରାମର୍ଶ ଦାତା ବୈଠକ ବରିଷ୍ଠ ଷ୍ଟେସନ ମାଷ୍ଟର ଜଗଦୀଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟତଃ ପ୍ଲାଟଫର୍ମର ସମ୍ପ୍ରସାରଣ, ରିକ୍ଥାପଲ୍ଲୀ ଓ ବଡ଼ ଷ୍ଟେସନ ନିକଟ ବାଲି ବଗଡ ରେଳ ଫାଟକରେ ଓଭର୍ ବ୍ରିଜ ନିର୍ମାଣ, ଫାଲକନାମା, ବନ୍ଦେ ମାତରଂ, ଯଶଓ୍ୱନ୍ତପୁର-ହାଓ୍ୱଡା ଟ୍ରେନ୍ ରହଣି, ଫୁଟ୍ ଓଭର ବ୍ରିଜ୍ ନିର୍ମାଣ, ଆଲୋକୀକରଣ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ସମସ୍ୟାର ସମାଧାନ ନେଇ ଆସିଥିବା ପରାମର୍ଶକୁ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ସମାଧାନ କରାଯିବ ବୋଲି ଉପସ୍ଥିତ ରେଳ ବିଭାଗର କର୍ମଚାରୀମାନେ ଜଣାଇଥିଲେ । ବୈଠକରେ କମିଟିର ସଦସ୍ୟ ଇଂ. ରାମଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ବି. ଶ୍ରୀନିବାସ, ସମାଜସେବୀ ସୁଧୀର ରଥ, ଶୟଦ୍ ମୁକ୍ତାର ଓ କାଉନ୍‌ସିଲର ମାମା ସେଠୀଙ୍କ ସମେତ ରେଳ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ଆଖୁଫସଲକୁ ଜଳସେଚନର ସୁବିଧା ପାଇଁ ସମନ୍ୱୟ ବୈଠକ

# ଆଖୁଚାଷର ବହୁଳ ପ୍ରସାର ପାଇଁ ସମବାୟ ଚିନିଶିଳ୍ପର ପ୍ରୟାସ

**ଆସିକା,୨୯।୧୧/ଏନ୍ଏନ୍ଏସ୍:** ଆସିକା ସମବାୟ ଚିନିଶିଳ୍ପକୁ ଆଖୁପେଡା ଋତୁରେ ଆଖୁ ଯୋଗାଉଥିବା ଗଂଜାମ ଜିଲ୍ଲାର ୧୬ଟି ବ୍ଲକ ପରିସରଭୁକ୍ତ ଅଂଚଳର ଆଖୁଚାଷୀଙ୍କ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ କରିବାରେ ସମବାୟ ଚିନିଶିଳ୍ପ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡା, ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀଙ୍କ ପ୍ରଚେଷ୍ଟାକୁ ସମବାୟପ୍ରେମୀ ମହଲରେ ସ୍ୱାଗତ ଓ ଉଚ୍ଚ ପ୍ରଶଂସା କରାଯାଉଛି । ଆଖୁ ଫସଲର ଉତ୍ପାଦନ ବୃଦ୍ଧି ପାଇଁ ଆଖୁକ୍ଷେତକୁ ସୁବ୍ୟବସ୍ଥିତ ଢଙ୍ଗରେ ଜଳସେଚନର ବ୍ୟବସ୍ଥା କରିବା ସକାଶେ ଶୁକ୍ରବାର ସମବାୟ ଚିନିଶିଳ୍ପର ସମ୍ମିଳନୀ କକ୍ଷରେ କୃଷି ଓ ଜଳସେଚନ ଏବଂ ଚିନିଶିଳ୍ପର ଅଧିକାରୀମାନଙ୍କ ଉପସ୍ଥିତିରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସିକା ସମବାୟ ଚିନିଶିଳ୍ପର ସଭାପତି ରବିନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଚିନିକଳର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ । ଆଖୁଚାଷୀମାନଙ୍କ ସୁବିଧା ଲାଗି ସମବାୟ ଚିନିଶିଳ୍ପ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଆଖୁଚାଷ ନିମନ୍ତେ ବିଭିନ୍ନ ଜଳଉତ୍ସ ଯଥା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କିମ୍ବା ଅଗଭୀର ନଳକୂପ, ଗଭୀର ନଳକୂପ, ଉଠାଜଳସେଚନ ପଏଣ୍ଟ ଇତ୍ୟାଦିରୁ ଆଖୁଫସଲକୁ ଜଳଯୋଗାଣ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଉପରେ ନିର୍ଭର ନକରି ଅନ୍ୟ ଜଳଉତ୍ସ ଯଥା ଗଭୀର ନଳକୂପ, ଅଗଭୀର ନଳକୂପ, ଉଠାଜଳସେଚନ ପଏଣ୍ଟ ଅଞ୍ଚଳରେ ଥିବା ଅଞ୍ଚଳଗୁଡିକରେ ଆଗାମୀ କିଛି ଦିନ ମଧ୍ୟରେ ଆଖୁଚାଷର ସଂପ୍ରସାରଣ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ଆସିକା ସମବାୟ ଚିନିଶିଳ୍ପ ଗଂଜାମ ଜିଲ୍ଲାର ୨୨ଟି ବ୍ଲକ ମଧ୍ୟରୁ ଆସିକା, ପୁରୁଷୋତ୍ତମପୁର, ଧରାକୋଟ, ଶେରଗଡ, ସାନଖେମୁଣ୍ଡି, ଦିଗପହଣ୍ଡି, ପାତ୍ରପୁର, କବିସୂର୍ଯ୍ୟନଗର, ପୋଲସରା, ବେଗୁନିଆପଡା, ବୁଗୁଡା, ଜଗନ୍ନାଥପ୍ରସାଦ, ବେଲଗୁଣ୍ଠା, ଭଂଜନଗର, ଖଲିକୋଟ, ହିଞ୍ଜିଳିକାଟୁ ବ୍ଲକ ପରିସରଭୁକ୍ତ ଅଞ୍ଚଳର ୧୯୯୨ ଏକର ଜମିରେ ଆଖୁଚାଷ କରିଥିଲା ବେଳେ ଚଳିତ ବର୍ଷ ନୟାଗଡ ଜିଲ୍ଲାର ଓଡଗାଁ, ରଣପୁର, ନୟାଗଡ, ନୂଆଗାଁ ବ୍ଲକ ପରିସରଭୁକ୍ତ ଅଞ୍ଚଳର ୧୦୭ ଏକର ଜମି ଏବଂ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଓ ଚିଲିକା ବ୍ଲକ ପରିସରଭୁକ୍ତ ଅଂଚଳର ୧୫ ଏକର ଜମିରେ ଆଖୁଚାଷକୁ ସଂପ୍ରସାରିତ କରିଥିବା ଜଣାପଡିଛି । ଆଖୁଚାଷୀମାନଙ୍କ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ କରିବାକୁ ବୈଜ୍ଞାନିକ ପଦ୍ଧତିରେ ଆଧୁନିକ ଜ୍ଞାନକୌଶଳରେ କମ୍ ଖର୍ଚ୍ଚରେ ଅଧିକ ଆଖୁ ଉତ୍ପାଦନ ପାଇଁ ଚାଷୀଙ୍କୁ କର୍ମଶାଳା ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଉଛି । ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଚିନିଶିଳ୍ପର ଆଖୁବିଭାଗ ପକ୍ଷରୁ ମିଳିତ ଭାବେ କାର୍ଯ୍ୟକାରୀ କରାଯାଇଥିବା ଆଖୁ ଉନ୍ନୟନ ପ୍ରଯୁକ୍ତି ମିଶନ୍ ଜରିଆରେ ୨୦୨୪-୨୫ ଆଖୁଲଗାଣ ଋତୁ ପାଇଁ ଚାଷୀଙ୍କୁ ୨ କୋଟି ୨୯ ଲକ୍ଷ ଟଙ୍କାର ବିଭିନ୍ନ ପ୍ରୋତ୍ସାହନ ରାଶି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ସମବାୟ ଚିନିଶିଳ୍ପର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କୃଷି ଓ ଜଳସେଚନ ବିଭାଗର ପଦାଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସମବାୟ ଚିନିଶିଳ୍ପର ସଭାପତି ରବିନ୍ଦ୍ର ପଣ୍ଡା, ପରିଚାଳନା ନିର୍ଦ୍ଦେଶକ, ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ, ଉପଆଖୁ ପରପିଚାଳକ ସିମାଞ୍ଚଳ ସାହୁ, ଆଖୁ ଉନ୍ନୟନ ପର୍ଯ୍ୟବେକ୍ଷକ ଧ୍ରୁବଚରଣ ସାହୁ, ଚିରଞ୍ଜିବୀ ମହାନ୍ତି, ସୁକାନ୍ତ କୁମାର ପଣ୍ଡା, ଉଠାଜଳସେଚନ ନିଗମର ଅଧୀକ୍ଷଣ ଯନ୍ତ୍ରୀ ଇଂ ଶିବରାମ ପଣ୍ଡା, ଆସିକା ସହକାରୀ କୃଷି ଅଧିକାରୀ ସୁଭ୍ରତା ମିଶ୍ର, ଭଂଜନଗର କୃଷିଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ର, ଧରାକୋଟ ସହକାରୀ ବ୍ଲକ କୃଷି ଅଧିକାରୀ ଜଗଦିଶ ଚୌଧୁରୀ, ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ପରିଷଦର ଉପସଭାନେତ୍ରୀ ସ୍ନେହଲତା ଚଣ୍ଡ, ପରିଚାଳନା ପରିଷଦର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବରଡ, ବସନ୍ତ କୁମାର ଦଳେଇ, ସନ୍ତୋଷ କୁମାର ପ୍ରଧାନ, ସରିତ ପ୍ରଧାନ, ଧର୍ମୁ ପ୍ରଧାନ, ରତ୍ନାକର ସାହୁ, ଉଦୟ ନାଥ ପ୍ରଧାନ, ଛତ୍ରପୁର କୃଷିଜିଲ୍ଲା ଅଧିକାରୀ କୁଳମଣି ବାରିକ, ବ୍ରହ୍ମପୁରର ବରିଷ୍ଠ କୃଷି ଅଧିକାରୀ ବିଶ୍ୱରଂଜନ ବେହେରା, ଭଂଜନଗର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସନ୍ତୋଷ କୁମାର ସାମନ୍ତରାୟ, ଜଳବିଭାଜିକା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, କୃଷି ବିଭାଗର ଜିଲ୍ଲା ନିର୍ବାହୀ ଯନ୍ତ୍ରୀ ଇଂ ଶଙ୍କର୍ଷଣ ମଲିକ, ଓଡିଶା କୃଷି ନିଗମର ଯନ୍ତ୍ରୀ ଗୁପ୍ତପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ଧାନ ଓ କପା ଅମଳ ବେଳକୁ ଚାଷୀଙ୍କୁ କନ୍ଦାଇଲା ଲଘୁଚାପ ବର୍ଷା

**ସାନଖେମୁଣ୍ଡି,୨୯।୧୧/ଏନ୍ଏନ୍ଏସ୍:** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଜନିତ ବର୍ଷାର ପ୍ରଭାବ ସାନଖେମୁଣ୍ଡିରେ ଅନୁଭୂତ ହୋଇଛି । ଅମଳ ହେବାକୁ ଥିବା ଖରିଫ୍ ଧାନ ଓ କପା ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଧାନ ଫସଲରେ ଏବେ କେଣ୍ଡା ଧରିଥିବା ବେଳେ କିଛି ଅଞ୍ଚଳରେ ଧାନ କାଟି ଜମିରେ କଳେଇ ଗଦା କରି ରଖିଛି ଚାଷୀ । କଟା ଧାନ ଜମିରେ ପଡ଼ିଛି । ଧାନ ଫସଲ ବର୍ଷାରେ ଭିଜି ଯାଇଛି । କିଛି ଚାଷୀ କଟା ଯାଇଥିବା ଅମଳ ଧାନକୁ ଗଦା କରି ଜରି ପାଲରେ ଘୋଡାଇ ରଖିଥିଲା ବେଳେ ବହୁ ଚାଷୀ କଟା ଯାଇଥିବା ଧାନ ଫସଲକୁ ଢ଼ିପକୁ ଆଣି ସୁରକ୍ଷିତ ଭାବେ ରଖିବାକୁ ଅକ୍ଷମ ହୋଇଛନ୍ତି । ଆହୁରି ତିନିଦିନ ବର୍ଷା ହେବା ଆଶଙ୍କା ଥିବାରୁ ଜମିରେ ଥିବା ପାଚିଲା ଧାନ କେଣ୍ଡାରୁ ଗଜା ବାହାରିବ ଓ ରୋଗ ପୋକ ଲାଗି ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି । ଠିକ୍ ଅମଳ ସମୟ ବେଳକୁ ଲଘୁଚାପ ବର୍ଷା ଚାଷୀ ମୁଣ୍ଡରେ ଚଡ଼କ ପକାଇବା ସହ କନ୍ଦାଇବା ଆରମ୍ଭ କଲାଣି । ସେଭଳି ଗଞ୍ଜାମ ଜିଲ୍ଲାର ସର୍ବାଧିକ କପା ଚାଷ ହେଉଥିବା ସାନଖେମୁଣ୍ଡି ଅଞ୍ଚଳରେ ଲଘୁଚାପ ବର୍ଷା ପ୍ରଭାବରେ କପା ଫସଲ ମଧ୍ୟ କ୍ଷତିଗ୍ରସ୍ଥ ହୋଇଛି । କପା ଗଛର ଫୁଲରୁ ଫୁଟିଥିବା କପା ବର୍ଷାରେ ଭିଜି ନଷ୍ଟ ହୋଇଛି । ବିହନ କିଣା, କୋଡା ବେଉଷା, ଘାସବଛା, ସାର, କୀଟନାଶକ ଔଷଧ କ୍ରୟ କରି ଅର୍ଥ ବିନିଯୋଗ କରିଥିବା କପାଚାଷି ଅମଳ ସମୟରେ ହିଁ ଚିନ୍ତାରେ ପଡ଼ିଛି । ବର୍ଷା ଲାଗି ରହିଲେ ପୋଡ଼ାମାରି, ଟି. ଗୋବିନ୍ଦପୁର, ପଦ୍ମପୁର, ପଟିଗୁଡା, ପୋଡ଼ାମାରି ପ୍ରଭୃତି ଅଞ୍ଚଳର କପା ଚାଷୀ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । କପା ଅମଳ ହେଉଥିବା ଅଞ୍ଚଳରେ କିଛି ଚାଷୀ ପ୍ରଥମ ପର୍ଯ୍ୟାୟ କପା ଅମଳ କରି ରଖିଥିଲେ ମଧ୍ୟ ସରକାରୀ ଦରରେ କପା କ୍ରୟ ଅଦ୍ୟାବଧି ହୋଇନାହିଁ । କିଗ୍ରା ପିଛା ୬୦ ଟଙ୍କାରେ କୋଟିଆ ବେପାରୀମାନେ କପା ବିକ୍ରୀ ପାଇଁ ଚାଷୀଙ୍କୁ ପ୍ରଭାବିତ କରୁଛନ୍ତି । କ୍ଷେତରେ ବଳକା ଅମଳ ହେବାକୁ ଥିବା ପ୍ରାୟ ୫୦୦ ହେକ୍ଟର ଜମିର କପା ଫସଲ ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଚାଷିର ଏଭଳି ଘଡ଼ିସନ୍ଧି ବେଳକୁ ସାନଖେମୁଣ୍ଡିର କୃଷି ବିଭାଗ ସ୍ଥାଣୁ ପାଲଟିଥିବା ଅଭିଯୋଗ ହୋଇଛି । ସଚେତନତା, ପରାମର୍ଶ ଦେବା ଏବଂ ସହାୟତା କରିବା ପରିବର୍ତ୍ତେ ଚାଷୀଙ୍କ ଠାରୁ ସାନଖେମୁଣ୍ଡିର କୃଷି ବିଭାଗ ବହୁ ଦୂରରେ ଥିବା ଚାଷୀ ଅଭିଯୋଗ କରିଛନ୍ତି ।

## ପିତଳ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ନେଇ ଉପଜିଲ୍ଲାପାଳଙ୍କୁ ଫେରାଦ



**ଶେରଗଡ,୨୯।୧୧/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ପିତଳ ସରପଞ୍ଚ ରାମ ରାଘବ ପାତ୍ରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ଆଜି ପଞ୍ଚାୟତର ନାଏବ ସରପଞ୍ଚ ରେଣୁ ଦାସଙ୍କ ସମେତ ଓ୍ୱାର୍ଡ ସଭ୍ୟ ସଭ୍ୟାମାନେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠିଙ୍କୁ ଲିଖିତ ଦରଖାସ୍ତ ପ୍ରଦାନ କରିଛନ୍ତି । ଅଭିଯୋଗ ପ୍ରକାରେ ସରପଞ୍ଚ ନିଜ ଇଛାରେ ଓ୍ୱାର୍ଡ ସଭ୍ୟସଭ୍ୟାଙ୍କ ଅଗୋଚରରେ ଉନ୍ନୟନ ମୂଳକ କାମ କରୁଛନ୍ତି । ସଭା ବହିରେ କେବଳ ଦସ୍ତଖତ ନେଉଛନ୍ତି କିନ୍ତୁ ଓ୍ୱାର୍ଡ ସଭ୍ୟା ସଭ୍ୟଙ୍କୁ ବୈଠକ ସମ୍ପର୍କରେ କୌଣସି ସୂଚନା ଦେଉନାହାଁନ୍ତି ବୋଲି ଓ୍ୱାର୍ଡସଭ୍ୟ ସଭ୍ୟା ଅଭିଯୋଗ କରିଛନ୍ତି । ସରକାରଙ୍କ ପ୍ରଚଳିତ ଜନ କଲ୍ୟାଣକାରୀ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ନ କରିବା, ଗ୍ରାମ ପଞ୍ଚାୟତରେ ନୂତନ ଭାବେ ନିର୍ମାଣ ହେଉଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ତହସିଲଦାରଙ୍କ ବିରୁଦ୍ଧରେ ଅଦାଲତରେ ମାମଲା କରି ଲୋକ ପ୍ରତିନିଧିର ପଦମର୍ଯ୍ୟାଦା ହ୍ରାସ ହେବା, ରାମ ରାଘବ ପାତ୍ର ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ଜନସାଧାରଣଙ୍କୁ ଧମକ ସହ ମାଡ଼ ମାରିବା ନେଇ ହିଞ୍ଜିଳି ତଥା ଆସିକା ଥାନାରେ ମାମଲା ରୁଜୁ ହେବା, ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମୃତ ବ୍ୟକ୍ତିଙ୍କୁ ଶ୍ରମିକ ଦର୍ଶାଇ ମଜୁରୀ ଅର୍ଥ ହଡପ, ଗ୍ରାମ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାମ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିଲେ ବିଭିନ୍ନ ପ୍ରକାର ଧମକ ଦେଉଥିବା ଯୋଗୁଁ ଅତିଷ୍ଠ ହୋଇ ୯ ଜଣ ଓ୍ୱାର୍ଡ ସଭ୍ୟ ସଭ୍ୟା ଗତ ୨୬ ତାରିଖରେ ନାଏବ ସରପଞ୍ଚ ରେଣୁ ଦାସଙ୍କ ସଭାପତିତ୍ୱରେ ପିତଳ ମା' ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରିଥିଲେ । ସରପଞ୍ଚ ରାମ ରାଘବ ପାତ୍ରଙ୍କ ବିରୁଦ୍ଧରେ ଅନାସ୍ଥା ନେଇ ବୈଠକରେ ନିଷ୍ପତ୍ତି ନେଇଥିଲେ । ଆଜି ନାଏବ ସରପଞ୍ଚ ରେଣୁ ଦାସଙ୍କ ନେତୃତ୍ୱରେ କେ. କମଳ ଲୋଚନ, ନୀଳାମ୍ବର ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ, ମାମି ସେନାପତି, ରଶ୍ମିତା ଜେନା, ଝୁମୁରି ମହାନ୍ତି, ସ୍ୱପ୍ନାରାଣୀ ମିଶ୍ର, ବିଜୟ ଲକ୍ଷ୍ମୀ ମିଶ୍ର ପ୍ରମୁଖ ଭଞ୍ଜନଗର ଯାଇ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ବାଘଛାଲ ସହ ବନ୍ଧୁକ ଜବତ, ଦୁଇ ଅଭିଯୁକ୍ତ ଅଟକ

**ବାଲିଗୁଡା, ୨୯।୧୧/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଜି.ଉଦୟଗିରି ବନ ବିଭାଗ ପକ୍ଷରୁ ବାଘ ଛାଲ ଓ ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ଏ ନେଇ କିନ୍ତୁ ବନ ବିଭାଗ ମୁହଁ ଖୋଲୁ ନାହାନ୍ତି । ଘଟଣାରୁ ପ୍ରକାଶ ଯେ, ଜି.ଉଦୟଗିରି ବନ ବିଭାଗ ଅନ୍ତର୍ଗତ କଳିଙ୍ଗା ସେକ୍ସନରେ ବାଘ ଶିକାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ବନ କର୍ମଚାରୀ ମାନେ ଖବର ପାଇ ଦୁଇଟି ସ୍ଥାନରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ବାଘ ଛାଲ ସହ ଏକ ଦେଶୀ ବନ୍ଧୁକ ପାଇଥିବା ବେଳେ ଏହି ଘଟଣାରେ ଦୁଇ ଜଣକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ସହ ଏହି ବାଘ ଶିକାରରେ ଅନ୍ୟ କିଛି ଜଣ ସମ୍ପୃକ୍ତ ଥିବା ନେଇ ତନାଘନା ଚଳାଇଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି । କିନ୍ତୁ ଏହି ଘଟଣାକୁ ନେଇ ବନ ବିଭାଗ ଅଧିକାରୀ ମୁଁହ ଖୋଲୁନାହାନ୍ତି । କୌଣସି ପ୍ରତିକ୍ରିୟା ଦେବାକୁ ମଧ୍ୟ ପ୍ରସ୍ତୁତ ନାହାନ୍ତି । ଜି. ଉଦୟଗିରି ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ମରାଯାଇ ଭିତରକୁ କାହାରିକୁ ପ୍ରବେଶ କରିବାକୁ ଦିଆଯାଉନଥିବା ବେଳେ ଖବର ପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ବନ ବିଭାଗ କାର୍ଯ୍ୟାଳୟକୁ ଖବର ସଂଗ୍ରହ ପାଇଁ ଯାଇ ମୁଖ୍ୟ ଫାଟକ ବାହାରେ ଦୀର୍ଘ ସମୟ ଅପେକ୍ଷା କରି ଫେରି ଯାଇଥିଲେ । ଏ ସମ୍ପର୍କରେ ଜି. ଉଦୟଗିରି ବନ ବିଭାଗ ଏସିଏଫ କାଜଲ ନାୟକଙ୍କୁ ଫୋନ ଯୋଗେ ପଚାରିବା ପରେ ସେ ତଦନ୍ତ ଚାଲିଛି । ଆପଣମାନେ ସହଯୋଗ କରନ୍ତୁ । ଡିଏଫଓ ସାର ଆସିଲେ ସମସ୍ତ ତଥ୍ୟ ପ୍ରଦାନ କରିବେ ବୋଲି କହିଥିବା ବେଳେ ଫୁଲବାଣୀ ଡିଏଫଓ ପ୍ରଶାନ୍ତ ପଟେଲଙ୍କୁ ଏହି ଘଟଣା ବିଷୟରେ ପଚାରିବା ପରେ ସେ କହିଲେ ତଦନ୍ତ ଚାଲିଛି । ଏବେ କିଛି କହି ହେବନି । ତଦନ୍ତରେ ବାଧା ସୃଷ୍ଟି ହେବ । ଏଣୁ ତଦନ୍ତ ସାରିବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ।



## ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ସ୍ମାରକପତ୍ର

**ଛତ୍ରପୁର,୨୯।୧୧/ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଡ଼ାକରାରେ ଗଂଜାମ ଜିଲ୍ଲା ଶାଖା ପକ୍ଷରୁ ୯ ଦଫା ସମ୍ୱଳିତ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ରାଜ୍ୟର ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା, ପୂର୍ବଭଳି ରେଳ ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ରିହାତି ପୁନଃ ପ୍ରଚଳନ, ବସ୍ ଯାତ୍ରାରେ ୫୦ ପ୍ରତିଶତ ରିହାତି, ସ୍ୱଳ୍ପ ସଞ୍ଚୟ ଯୋଜନାରେ ସୁଧ ହାର ବୃଦ୍ଧି, କେନ୍ଦ୍ର ଅନୁସାରେ ପୂରା ପେନ୍‌ସନ୍, ଗ୍ୟାରେଣ୍ଟି ପେନ୍‌ସନ୍ ବ୍ୟବସ୍ଥା ୨୦୦୫ ଲାଗୁ କରିବା, ଅତିରିକ୍ତ ପେନ୍‌ସନ ୬୫ ବର୍ଷରୁ ୨୦ ପ୍ରତିଶତ ଲାଗୁ କରିବା, ସଙ୍ଘ ପାଇଁ ଭୁବନେଶ୍ୱରରେ ଜମି ଯୋଗାଇ ଦେବା, ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ ଆଦି ରହିଛି । ଏଥିରେ ଜିଲା ଶାଖା ସଭାପତି ଡି. ମୋହନ ରାଓ, ସମ୍ପାଦକ ଶଙ୍କର୍ଷଣ ପାତ୍ର, ନରସିଂହ ଅଚାରୀ, ସୋମନାଥ ସାହୁ, କିଶୋର ପାଢ଼ୀ, ସୁରେନ୍ଦ୍ରନାଥ ପାଢ଼ୀ ପ୍ରମୁଖ ସାମିଲ ଥିଲେ ।

## ବାଲିଆରେ ରେଡି କୁଳର ଜିଲ୍ଲାସ୍ତରୀୟ ବୈଠକ

**ପୁରୁଷୋତ୍ତମପୁର,୨୯।୧୧/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ କେଏନ୍‌ପୁର ପଞ୍ଚାୟତ ବାଲିଆ ବନ୍ୟା ଆଶ୍ରୟସ୍ଥଳୀରେ ଗଞ୍ଜାମ ଜିଲ୍ଲାସ୍ତରୀୟ ରେଡି କୁଳର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୋନ୍ ସ୍ତରୀୟ ସମ୍ପାଦକ ଜି. ଗୁରୁମୂର୍ତ୍ତି ରେଡିଙ୍କ ସଂଯୋଜନାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲାର ସମସ୍ତ ପାଦାଧିକାରୀ କୂଳର ଉନ୍ନତିକରଣ, ଶିକ୍ଷା, ସଂସ୍କୃତି, ସହ ମନରୁ ରାଗ ଅହଂକାର ଦୂରେଇ ଗଣ୍ଡଗୋଳରୁ ନିବୃତ୍ତ ରହିବା, କୂଳର ମାନ ମର୍ଯ୍ୟଦାକୁ ବଜାୟ ରଖିବା, ସମସ୍ତେ ଏକାଠି ହୋଇ ଏକ ସୁତ୍ର ରେ ବାନ୍ଧି ହୋଇ କାର୍ଯ୍ୟ କଲେ କୂଳ ଦିନେ ସୁନାମ ଅର୍ଜନ କରି ପାରିବ ବୋଲି ଆସିଥିବା ବ୍ୟକ୍ତି ବିଶେଷ କହିଥିଲେ । ଏହା ସହ ବିଦ୍ୱେଷ ମନୋଭାବନାକୁ ଦୂର କରି ସହନଶୀଳତା ନୀତି ଅବଲମ୍ବନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ । ବୈଠକରେ ନାବାଳିକା ବିବାହକୁ ସମସ୍ତ ସ୍ତରରେ ବିରୋଧ ଓ ସଚେତନତା ସୃଷ୍ଟି କରିବା, ନାରୀ ଶିକ୍ଷାର ପ୍ରସାର ପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ କରାଯାଇଥିଲା । ଓଡ଼ିଶା ରେଡୀ ମହାଜନ ସଂଘର ଏକତାକୁ କ୍ଷୁଣ୍ଣ କରିବା ପାଇଁ ଚେଷ୍ଟା କରୁଥିବା କିଛି ଖଳ ପ୍ରକୃତିର ଜାତି ଦ୍ରୋହୀମାନେ ଭିତ୍ତିହୀନ ମନ୍ତବ୍ୟ ଦ୍ୱାରା ଆଇନର ଆଶ୍ରୟ ନେଇ ଅଶାନ୍ତି ସୃଷ୍ଟି କରୁଥିବାରୁ ସେମାନଙ୍କ ପ୍ରତି ବୈଠକରେ ନିନ୍ଦା ପ୍ରସ୍ତାବ ଗୃହିତ କରାଯାଇଥିଲା । ଏହି କାର୍ଯ୍ୟ କ୍ରମରେ ଖଲିକୋଟ (କ) ତାଲୁକାର ସଂପାଦକ ଯୁଧିଷ୍ଠିର ରେଡ଼ୀ, ଜୋନ୍ ସଂପାଦକ ଏ. ଗୁରୁମୂର୍ତ୍ତୀ ରେଡ଼ୀ, ରାଜ୍ୟ ସଭାପତି ସିଏଚ ଦିଲେଶ୍ୱର ରେଡି, ଉପଦେଷ୍ଟା ଆପା ରାଓ ରେଡି, ଛତ୍ରପୁର ଜୋନ ସମ୍ପାଦକ ଡମ୍ବରୁ ରେଡି, ଆସ୍କା ଜୋନ ସଭାପତି ଆର ଭାଗିରଥି ରେଡି, ଆସ୍କା ଜୋନ ସମ୍ପାଦକ କେଗୁରୁମୂର୍ତ୍ତି ପ୍ରଧାନ, ଆସ୍କା ତାଲୁକା ସଭାପତି ବି ସାରଙ୍ଗ ଧର ରେଡି, ଆଠଗଡ଼ ତାଲୁକା ସଭାପତି ଡମ୍ବୁରୁ ରେଡି, ଆଠଗଡ଼ ସମ୍ପାଦକ ସତ୍ୟନାରାୟଣ ରେଡି, ପୂର୍ବଖଣ୍ଡ ସଭାପତି କେ ଲୋକନାଥ ରେଡି, ସମ୍ପାଦକ ଜି. ବିଜୟ ରେଡି, ବିରୁଳି ତାଲୁକା ସଭାପତି ଡି ପଦ୍ମ ଚରଣ ପ୍ରଧାନ, ସମ୍ପାଦକ ଏ ଖଲ୍ଲିରେଡି, ଖଲ୍ଲିକୋଟ(କ) ତାଲୁକା ସଭାପତି ଏନ ସିମାଞ୍ଚଳ ରେଡି, ସମ୍ପାଦକ ଏସ ଯୁଧିଷ୍ଠିର ରେଡି, ସହ ସମ୍ପାଦକ ଏନ ବିଜୟ କୁମାର ପ୍ରଧାନ, ଉପ ସଭାପତି ଆର ଭୀମସେନ ରେଡି, କୋଷାଧ୍ୟକ୍ଷ ଅରବିନ୍ଦ ରେଡି, ଖଲ୍ଲିକୋଟ (ଖ) ତାଲୁକା ସଭାପତି କେ ବିଜୟ ପ୍ରଧାନ, ଗଞ୍ଜାମ ତାଲୁକା ସଭାପତି ଡି ସାତେୟା ରେଡି, ଏନ ରାମଚନ୍ଦ୍ର ରେଡି ସମାଜସେବୀ ତଥା ଜନ ପ୍ରତିନିଧି, ପ୍ରକାଶ ରେଡି ପ୍ରମୁଖ ଉପସ୍ଥିତ ଥିଲେ ।



# ଆସିକାର ବରଗାଁ ସମେତ ଅନ୍ୟ ଦୁଇ ପଞ୍ଚାୟତ ଯକ୍ଷ୍ମାମୁକ୍ତ ଘୋଷଣା

**ଆସିକା,୨୯।୧୧/ଏନ୍ଏନ୍ଏସ୍:** ଆସିକା ବ୍ଲକର ବରଗାଁ ସମେତ ଅନ୍ୟ ଦୁଇ ପଞ୍ଚାୟତ ଚଢେୟାପଲ୍ଲୀ ଓ ବାଲିଛାଇକୁ ମିଶାଇ ଗଂଜାମ ଜିଲ୍ଲାର ୫୩ଟି ପଞ୍ଚାୟତକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯକ୍ଷ୍ମାମୁକ୍ତ ଘୋଷଣା କରାଯାଇଛି । ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଜରିଆରେ ଆସିକା ବ୍ଲକର ବରଗାଁ, ଚଢେୟାପଲ୍ଲୀ ଓ ବାଲିଛାଇ ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି ବୋଲି ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା ସୂଚନା ଦେଇଛନ୍ତି । ସମଗ୍ର ରାଜ୍ୟରେ ଥିବା ୩୧୪ଟି ବ୍ଲକର ୬୮୦୨ ପଂଚାୟତ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ମୋଟ ୫୨୧ଟି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ଘୋଷଣା କରାଯାଇଛି । ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜରିଆରେ ଦେଶ ଜିତିବ ଯକ୍ଷ୍ମା ହାରିବ ସ୍ଲୋଗାନ୍ ଦେଇ ପଞ୍ଚାୟତ ସ୍ତରରେ ନିର୍ବାପ୍ତ ପ୍ରତିନିଧିମାନଙ୍କୁ ସାମିଲ୍ କରି ଯକ୍ଷ୍ମା ରୋଗ ଓ ଏହାର ନିରାକରଣ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହ ସେହି ଅଞ୍ଚଳକୁ ଯକ୍ଷ୍ମା ରୋଗୀ ମୁକ୍ତ କରିବାକୁ ଗତ କିଛି ମାସ ତଳେ ଜିଲ୍ଲା ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । ଯକ୍ଷ୍ମାମୁକ୍ତ ଘୋଷଣା ହୋଇଥିବା ଆସିକା ବ୍ଲକର ବରଗାଁ ସମେତ ଅନ୍ୟ ଦୁଇ ପଂଚାୟତ ଚଢେୟାପଲ୍ଲୀ ଓ ବାଲିଛାଇ ଗ୍ରାମ ପଂଚାୟତର ସରପଂଚମାନଙ୍କୁ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରସ୍କୃତ ଓ ସମ୍ମାନିତ କରାଯିବା ବୋଲି ଜଣାପଡିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ (ଟିବି) ମୁକ୍ତ ପଂଚାୟତ ତାଲିକା ଘୋଷଣା ହୋଇସାରିଛି । ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଓଡିଶା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି । କେନ୍ଦ୍ର ସରକାରଙ୍କ ଏନ୍‌ଟିଇପି ଜରିଆରେ ଗତ ୨୦୨୩ ମସିହା ମାର୍ଚ୍ଚ ମାସ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା (ଟିବି) ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯକ୍ଷ୍ମାମୁକ୍ତ ପଞ୍ଚାୟତ ଅଭିଯାନର ଶୁଭାରମ୍ଭ କରିଥିଲେ । ଏହାକୁ ନେଇ ସମସ୍ତ ଗ୍ରାମାଞ୍ଚଳ ସ୍ତରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ମଧ୍ୟ ଆରମ୍ଭ ହୋଇଥିଲା । ସଂକ୍ରମିତଙ୍କୁ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଯକ୍ଷ୍ମାମୁକ୍ତ ପଂଚାୟତ କାର୍ଯ୍ୟକ୍ରମର ସଫଳତା ପାଇଁ ଜନପ୍ରତିନିଧିମାନଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀମାନେ ନିଷ୍ଠା ଓ ତ୍ୟାଗର ସହ କାର୍ଯ୍ୟ କରିଥିଲେ । ଆସନ୍ତା ଡିସେମ୍ବର ମାସ ୭ ତାରିଖରୁ ରାଜ୍ୟସ୍ତରରେ ଯକ୍ଷ୍ମା (ଟିବି) ମୁକ୍ତ ପଂଚାୟତ ପାଇଁ ୧୦୦ ଦିନିଆ ଅଭିଯାନ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏହା ଜରିଆରେ ଅଧିକରୁ ଅଧିକ ପଞ୍ଚାୟତକୁ ଏଥିରେ ସାମିଲ୍ କରି ଯକ୍ଷ୍ମାମୁକ୍ତ ପଞ୍ଚାୟତ କରିବାକୁ ସ୍ୱାସ୍ଥ୍ୟ ବିଭାଗର ଲକ୍ଷ୍ୟ ରହିଥିବା ଜଣାପଡିଛି ।



## ଅସହାୟ ମହିଳାଙ୍କ ଉପରେ ଜୁଲମ୍

# ଥାନାରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

### ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା,୨୯।୧୧/ଏନ୍‌ଏନ୍‌ଏସ୍:** ଜଣେ ଅସହାୟ ବିଧବା ମହିଳାଙ୍କ ଉପରେ ପଡ଼ୋଶୀଙ୍କ ଜୁଲମ୍ ଓ ମାରପିଟ୍ ଘଟଣାକୁ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ପରେ ବି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଫଳରେ ମହିଳା ଜଣକ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ତନପୁର ଗ୍ରାମର ଚକ୍ରଧର ସାହୁଙ୍କ ବିଧବା ପତ୍ନୀ ହେମଲତା ସାହୁଙ୍କ ପଡ଼ୋଶୀ ଜିତେନ୍ଦ୍ର ବେହେରା, ଅନୁରାଗ ବେହେରା, ଆଶୁତୋଷ ବେହେରା, ରେବତୀ ବେହେରା ଓ ଦେବାଶିଷ



ବେହେରା ତାଙ୍କ ଅସହାୟତାର ସୁଯୋଗ ନେଇ ଜାଗା ଉପରେ ଜୋରଜବରଦସ୍ତ କରିବା, ନାଳପାଣି ଛାଡ଼ିବା ଓ ଅଳିଆ ଆଦି ପକାଇବାକୁ ନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଘୋଷାଡ଼ି ତଳେ ପକାଇ ବିଧା ଗୋଇଠା ମାରିବା ସହ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଚମକ ଦେଇଥିଲେ। ଏ ଘଟଣାକୁ ନେଇ ମହିଳା ଜଣକ ଗତ ୨୪ ତାରିଖ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୁକ୍ତମାନେ ପ୍ରଭାବଶାଳୀ ହୋଇଥିବାରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଇନାହିଁ। ତେଣୁ ସେ ନ୍ୟାୟ ଭିକ୍ଷା ପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କୁ ଭେଟି ଏ ଘଟଣାର ଉପଯୁକ୍ତ ତଦନ୍ତ କରାଇ ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଯୋଗାଣ ବିଭାଗର ତତ୍ପରତା ଜାରୀ

# ଆଳୁ ସଙ୍କଟ, ଚିନ୍ତାରେ ଖାଉଟି

### ୩୦ରୁ ୩୨ ଟଙ୍କାରେ ଆଳୁ ବିକିବାକୁ ଦୋକାନୀଙ୍କୁ ତାଗିଦ୍

### ପଶ୍ଚିମବଙ୍ଗ ସରକାର ସହ ଆଲୋଚନା କରିବାକୁ ଦାବି

**ବାଲେଶ୍ୱର,୨୯।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଶହ ଶହ ଆଳୁ ବୋଝେଇ ଟ୍ରକ୍ ଅଟକି ରହିଛି। ଏଣେ ଆଳୁ ଗୋଦାମ ସମେତ ଶୀତଳ ଭଣ୍ଡାରରେ ଆଳୁ ସରିଆସୁଛି। ଏହାର ସୁଯୋଗ ନେଇ କିଛି ଖୁଚୁରା ଦୋକାନୀ କିଲୋପ୍ରତି ୩୫ରୁ ୪୦ ଟଙ୍କାରେ ଆଳୁ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଛି। ଫଳରେ ଏହି ଆଳୁ ସଙ୍କଟ ଆଶଙ୍କାରେ ସାଧାରଣ ଖାଉଟି ଚିନ୍ତାରେ ପଡ଼ିଛି।

ଘଟଣା ଅନୁସାରେ, ପଶ୍ଚିମବଙ୍ଗ ସରକାର ବିଭିନ୍ନ ଆଳ ଦେଖାଇ ବୁଧବାର ରାତିରୁ ଓଡ଼ିଶାକୁ ଆଳୁ ରପ୍ତାନୀ ବନ୍ଦ କରିଛି। ଫଳରେ ଜିଲ୍ଲାର ଲକ୍ଷ୍ମଣନାଥ ଗେଟ୍‌ର ଅନତି ଦୂରରେ ଶତାଧିକ ଆଳୁ ଟ୍ରକ୍ ଅଟକି ରହିଛି। ଦାନ୍ତୁନ୍ ଏବଂ ବେଲଦା ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଆଳୁ ଗାଡ଼ିକୁ ପଶ୍ଚିମବଙ୍ଗ ପୁଲିସ ଜଗି ରହିଛି। କିଛି ଆଳୁ ଗାଡ଼ିକୁ ପଶ୍ଚିମବଙ୍ଗର ବରିଷ୍ଠ ପୁଲିସ ଅଧିକାରୀମାନେ ଚନ୍ଦ୍ରକୋନାକୁ ଫେରାଇ ନେଉଥିବା ଖବର ମଧ୍ୟ ହସ୍ତଗତ ହୋଇଛି। ଅନ୍ୟପଟେ ନୂଆ ଆଳୁ ଅମଳ ପାଇଁ ଆଉ ୨ ମାସ ବାକି ଥିବା ତଥା ଆଗକୁ ନିର୍ବାଚନ ଥିବାରୁ ପଶ୍ଚିମବଙ୍ଗ ସରକାର ଏଭଳି କଟକଣା ଲଗାଇଥିବା ଜଣାପଡ଼ିଛି। ଜିଲ୍ଲାରେ ମହଜୁଦ ଥିବା ଆଳୁ ଅତି ବେଶିରେ ରବିବାର ପର୍ଯ୍ୟନ୍ତ ଚଳିଯିବ ବୋଲି ଶୁଣିବାକୁ ମିଳିଛି । ଏନେଇ ଜିଲ୍ଲାର ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ମଧ୍ୟ ଅବଗତ କରାଯାଇଛି। ପରିସ୍ଥିତି ବିଗିଡ଼ିବା ପୂର୍ବରୁ ରାଜ୍ୟ ସରକାର ଅବିଳମ୍ବେ ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଜିଲ୍ଲାର ବ୍ୟବସାୟୀ ସଂଘ ଏବଂ ରାଜ୍ୟ ବ୍ୟବସାୟୀ ମହାସଂଘ ଦାବି କରିଛି। ନଚେତ୍ ଆଳୁର ମହଙ୍ଗା ମାଡ଼ ସାଧାରଣ ଖାଉଟି ଉପରେ ପଡ଼ିବାର ସମ୍ଭାବନାକୁ ଆଦୌ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।



ସେହିପରି ଶୁକ୍ରବାର ଜିଲ୍ଲାର ମାର୍କେଟିଂ ଇଣ୍ଟେଲିଜେଣ୍ଟ ଇନ୍ସପେକ୍ଟର, ଜିଲ୍ଲା ଯୋଗଣ ଅଧିକାରୀ ଓ ସଦର ଏମ୍‌ଆଇଙ୍କୁ ନେଇ ସହରର ବିଭିନ୍ନ ବଜାର ସର୍ବେକ୍ଷଣ କରି ୩୦ରୁ ୩୨ ଟଙ୍କା ମଧ୍ୟରେ ଆଳୁ ବିକ୍ରି କରିବାକୁ ଦୋକାନୀଙ୍କୁ ତାଗିଦ୍ କରିଥିବା ଦେଖିବାକୁ ମିଳିଛି। ନହେଲେ କାର୍ଯ୍ୟାନୁଷ୍ଠାନ ସକାଶେ ବ୍ୟବସାୟୀଙ୍କୁ ସୂଚାଇ ଦିଆଯାଇଛି। ଏ ସମ୍ପର୍କରେ ଜିଲ୍ଲାର ମାର୍କେଟିଂ ଇଣ୍ଟେଲିଜେଣ୍ଟ ଇନ୍ସପେକ୍ଟର୍ ବୁଧରାୟ ସୋରେନଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀ ସୋରେନଙ୍କ କହିବାନୁସାରେ ଆଳୁ ସଙ୍କଟ ଆଶଙ୍କା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଆମ ଟିମ୍ ବିଭିନ୍ନ ବଜାର ବୁଲି ଖୁଚୁରା ବ୍ୟବସାୟୀଙ୍କୁ କିଲୋପ୍ରତି ୩୦ରୁ ୩୨ ଟଙ୍କାରେ ଆଳୁ ବିକ୍ରି କରିବାକୁ ପରାମର୍ଶ ଦେଇଛି। ଏହାକୁ ଉଲ୍ଲଙ୍ଘନ କଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଧିକନ୍ତୁ ଆମେ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଗୋଦାମରୁ କିଛି କିଛି ଆଳୁ ଆଣି ଜିଲ୍ଲାରେ ଆଳୁ ସଙ୍କଟକୁ ଟାଳିବା ପାଇଁ ସବୁପ୍ରକାର ଉଦ୍ୟମ କରୁଛୁ ବୋଲି ମତ ଦେଇଥିଲେ। ତେଣୁ ରାଜ୍ୟ ସରକାର ଆଳୁ ସଙ୍କଟର ସମାଧାନ ପାଇଁ ଠୋସ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଆକାଶବାଣୀ କେନ୍ଦୁଝରର ସ୍ୱନକ୍ଷତ୍ର ଦିବସ

**କେନ୍ଦୁଝର,୨୯।୧୧/ଏନ୍‌ଏନ୍‌ଏସ୍:** ୧୯୮୮ ମସିହା ନଭେମ୍ବର ୨୯ ତାରିଖରେ ୧୮୯.୩ ମିଟର ତଥା ୧୫୮୪ କିଲୋହର୍ଜ ଯୋଗେ କେନ୍ଦୁଝରର ଘୁଟୁରୁହୁଡ଼ି ଉପରେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ପ୍ରସାରଣ ଆରମ୍ଭ ହୋଇଥିଲା। ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ଆକାଶବାଣୀ ଶ୍ରୋତାଙ୍କ ରୁଚିକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଆସୁଛି।

ଏହି କେନ୍ଦ୍ର ଆଜି ତା'ର ୩୭ତମ ସ୍ୱନକ୍ଷତ୍ର ଦିବସ ଏକ ଭବ୍ୟ ସାମାରୋହ ମାଧ୍ୟମରେ ପାଳନ କରିଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଅତମେଶ୍ୱର ଝା, କାର୍ଯ୍ୟକ୍ରମ ନିଷ୍ପାଦିକା ଅନିତା ତିର୍କୀ, ସହକାରୀ ଯନ୍ତ୍ରୀ ସତୀଶ କୁମାର ଚାକି, ପୂର୍ବତନ ସହକାରୀ ନିର୍ଦ୍ଦେଶକ ଜୟରାମ ମୁଣ୍ଡା, ଅବସରପ୍ରାପ୍ତ ଘୋଷକ ସୁପାଇ ମୁର୍ମୁ ଓ ଅଧ୍ୟାପକ ତଥା ଆକାଶବାଣୀର ନିୟମିତ ଶ୍ରୋତା ଅମୀୟ ସାମନ୍ତରାୟ ପ୍ରମୁଖ ମଞ୍ଚାସିନ ଥିଲେ।




ଆକାଶବାଣୀ କେନ୍ଦୁଝର କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଆତମେଶ୍ୱର ଝାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଦୀର୍ଘ ୩୬ ବର୍ଷ ବର୍ଷ ଧରି ଆକାଶବାଣୀ କେନ୍ଦୁଝର କେନ୍ଦ୍ର ଜିଲ୍ଲାର ଲୋକ ସଂସ୍କୃତି ଲୋକକଳା, ଲୋକବାଦ୍ୟ ଲୋକନୃତ୍ୟ ଓ ଲୋକାଚାର ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ନିୟମିତ ଭାବେ ପରିବେଷଣ କରିଆସୁଥିବା ବେଳେ ଏହି କାର୍ଯ୍ୟକ୍ରମ କେବଳ ଯେ ମନୋରଞ୍ଜନ ଧର୍ମୀ ହୋଇପାରିଛି ତାହା ନୁହେଁ ବରଂ ବେଶ ଉପାଦେୟ ତଥା ଶିକ୍ଷଣୀୟ ହୋଇପାରିଛି ବୋଲି ଆକାଶବାଣୀ କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ କାର୍ଯ୍ୟକ୍ରମ କହିଥିଲେ। ଅବସର ବିନୋଦନ କେନ୍ଦ୍ରର ସମ୍ପାଦକ ଧରଣୀ ପାତ୍ର ଆକାଶବାଣୀ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରି କେନ୍ଦୁଝର ଆକାଶବାଣୀ ସଫଳତାର ପାହାଚ ଚଢ଼ିବା ସହିତ ଜିଲ୍ଲାର ଲୋକଙ୍କ ପାଖରେ ସଠିକ୍ ଭାବେ ବେତାର ମାଧ୍ୟମରେ ପହଞ୍ଚିପାରୁଛି ବୋଲି କହିଥିଲେ। ସମସ୍ତ କର୍ମଚାରୀ, କାର୍ଯ୍ୟକ୍ରମ ଘୋଷକ, ଘୋଷିକା, ଉପସ୍ଥାପକ ଓ ଉପସ୍ଥାପିକାଙ୍କ ଗହଣରେ ଏହି ଜନ୍ମଦିନ ପାଳିତ ହୋଇଥିଲା। ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ଅରବିନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।

# ଚାଳଗଡ଼କୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

**ତାଳଚେର,୨୯।୧୧/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଘଣ୍ଟପଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଳଗଡ଼ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନିମନ୍ତେ ତାଳଚେର ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ, ଚାଳଗଡ଼ ଗ୍ରାମ ୩ଟି ୱାର୍ଡକୁ ନେଇ ଗଠିତ ହୋଇଛି ଏବଂ ଏହି ଗ୍ରାମର ଲୋକସଂଖ୍ୟା ୩ ହଜାରରୁ ଅଧିକ ହୋଇଥିବାବେଳେ ଭୋଟର ସଂଖ୍ୟା ପାଖାପାଖି ୧୫୦୦ ରହିଛି। କିନ୍ତୁ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପଡ଼ା ଗ୍ରାମ ଗୁଡ଼ିକ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇଥିବାବେଳେ ରାଜରାଜୁଡ଼ା ଅମଳରୁ ଗଡ଼ ଗ୍ରାମ ଭାବେ ପରିଚୟ ପାଇଥିବା ଚାଳଗଡ଼ ସମସ୍ତ ମାପଦଣ୍ଡ ରଖି ମଧ୍ୟ ସେ ସମୟରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଥିଲା। ଏ ପ୍ରସଙ୍ଗକୁ ନେଇ ଚାଳଗଡ଼ ଗ୍ରାମବାସୀ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ଏବଂ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ସଠିକ୍ ସମୟରେ ତହସିଲ



ଆବଶ୍ୟକ କାଗଜପତ୍ର ସରକାରଙ୍କ ପାଖରେ ଦାଖଲ କରିବାରେ ବିଫଳ ହୋଇଛନ୍ତି। ଫଳରେ ଚାଳଗଡ଼ ରାଜସ୍ୱ ଗ୍ରାମରୁ ବଞ୍ଚିତ ହୋଇଛି।

ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୨୮ଜୁଲାଇ, ୨୦୨୧ରେ ଜାରି ଚିଠି ଅନୁସାରେ ୩୦୦ରୁ ଅଧିକ ଲୋକସଂଖ୍ୟା ରହିଥିବା ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଇପାରିବ। କିନ୍ତୁ ସ୍ଥାନୀୟ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁ ଚାଳଗଡ଼ ଏବେ ସୁଦ୍ଧା ରାଜସ୍ୱ ଗ୍ରାମର ମାନ୍ୟତା ଲାଭ କରିପାରିନାହିଁ। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ପୁନର୍ବାର ଅନୁରୋଧ କରିଛନ୍ତି ଯେ ଏବେ ସରକାର ନୂଆ ନିୟମ ସହିତ ନୂତନ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ସରକାରୀସ୍ତରରେ ବିଜ୍ଞାପନ ଜାରି କରିଛନ୍ତି। ଏଣୁ ତାଳଚେର ଉପଜିଲ୍ଲାପାଳ ଏ ପ୍ରସଙ୍ଗରେ ପ୍ରତ୍ୟେକ୍ଷ ଭାବେ ହସ୍ତକ୍ଷେପ କରି ଏ ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ସରକାରଙ୍କ ପାଖରେ ପ୍ରଦାନ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଲେ କ୍ଷେତ୍ରୀୟ ମଉଜା ଚାଳଗଡ଼ ଗ୍ରାମ ତା'ର ପରିଚୟ ଫେରିପାଇବା ସହିତ ଗ୍ରାମବାସୀ ଉପକୃତ ହୋଇପାରିବେ। ତେବେ ଚଳିତଥର ପୁର୍ନବାର ପ୍ରଦାନ କରାଯାଇଥିବା ଦାବିପତ୍ର ସମ୍ପର୍କରେ ଯଦି ସରକାର ସୁବିଚାର ନକରନ୍ତି ତେବେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

ଏହି ଦାବିପତ୍ର ପ୍ରଦାନ ସମୟରେ ଘଣ୍ଟପଡ଼ା ପଞ୍ଚାୟତର ନାଏବ ସରପଞ୍ଚ ରାଜୀବ ଦାସ, ପୂର୍ବତନ ସଭାପତି କାର୍ତ୍ତିକ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଶିବାନନ୍ଦ ଥମ୍ବ, ୱାର୍ଡ ମେମ୍ବର ସସ୍ମିତା ଭୁକ୍ତା, ଶିଶିର ରାଉତ, ନିତ୍ୟାନନ୍ଦ ରାଉତ, ରଞ୍ଜିତ ଦାସ, କିଶୋର ପଟ୍ଟନାୟକ, ମିନତୀ ଥମ୍ବ ଓ ଜିଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟକୁରାରେ ବଢୁଛି ଚୋରି

# ଚୋରଙ୍କ ନଜରରେ ବିଦ୍ୟୁତ୍ ସାମଗ୍ରୀ ଓ ମନ୍ଦିର ଦାନବାକ୍ସ

**ପାଟକୁରା,୨୯।୧୧/ଏନ୍‌ଏନ୍‌ଏସ୍:** ଶୀତ ପଡୁପଡୁ ଚୋରମାନେ ପାଟକୁରା ଅଞ୍ଚଳରେ ବେଶ୍ ସକ୍ରିୟ ହୋଇପଡ଼ିଛନ୍ତି। ଗତ ୧୫ ଦିନ ଭିତରେ ସେମାନେ ୩ଟି ମନ୍ଦିରରୁ ଦାନବାକ୍ସ ଲୁଟ୍ କରିବା ସହ ଜଣଙ୍କ ଘରୁ ବାଇକ୍ ଓ ଅନ୍ୟଜଣଙ୍କ ଘରୁ ସାଇକେଲ୍ ଚୋରି କରିନେଇଛନ୍ତି। ପରେ ସେମାନଙ୍କ ନଜର ନୂଆପଡ଼ା(ବେଡ଼ାରୀ) ବିଦ୍ୟୁତ୍ ଷ୍ଟ୍ରକଚର୍ ଉପରେ ପଡ଼ିଥିଲା ଯେଉଁଠି ଗଦା ଗଦା ବିଜୁଳି ତାର, ଲୁହା ଖୁଣ୍ଟି, କେବୁଲ୍ ତାର ଓ ଅନ୍ୟାନ୍ୟ ମୂଲ୍ୟବାନ ବିଦ୍ୟୁତ୍ ସାମଗ୍ରୀ ଜମା ହୋଇଛି।

ଘଟଣାରୁ ପ୍ରକାଶ, ଗତ ୨୫ ତାରିଖ ବିଳମ୍ବିତ ରାତିରେ ପ୍ରାୟ ୧୦ ଜଣ ଦୁର୍ବୃତ୍ତ ନୂଆପଡ଼ା ଷ୍ଟ୍ରକଚର୍ ଗେଟ୍ ଡେଇଁ ସେକ୍ସନ୍ ଅଫିସ୍ କାଚ ଭାଙ୍ଗି ଜଗୁଆଳି ଦାୟିତ୍ୱରେ ଥିବା ୩ ଜଣ କର୍ମଚାରୀଙ୍କୁ ମାଡ଼ ମାରି ଗାମୁଛାରେ ବାନ୍ଧି ଦେଇଥିଲେ। ପରେ ସେମାନଙ୍କ ମୋବାଇଲ୍ ଛଡ଼ାଇ ନେବା ସହ ମନିପର୍ସରେ ଥିବା ୫ ହଜାର ୮ଶହ ଟଙ୍କା ନେଇଯାଇଥିବା ପାଟକୁରା ଥାନାରେ ଅଭିଯୋଗ ହୋଇଛି। ମେସିନ୍ ସାହାଯ୍ୟରେ ବିଦ୍ୟୁତ୍ କଣ୍ଡକ୍ଟର କେବୁଲ୍ ତାର ଆଦି କାଟିବା ସହ ଉଚ୍ଚଶକ୍ତି ସମ୍ପନ୍ନ ରିଚାର୍ଜ ମେସିନ୍ ଓ ଅନ୍ୟାନ୍ୟ ମୂଲ୍ୟବାନ ପାର୍ଟସ୍ ଏକ ପିକଅପ୍ ଭ୍ୟାନ୍‌ରେ ଭର୍ତ୍ତି କରି ନେଇଯାଇଥିଲେ। ଏହି ଲୁଟ୍ ସାମଗ୍ରୀର ମୂଲ୍ୟ ପ୍ରାୟ ୩ଲକ୍ଷ ୬୫ ହଜାର ହେବ ବୋଲି ନୂଆପଡ଼ା ବିଦ୍ୟୁତ୍ ଷ୍ଟ୍ରକଚର୍ ଜେଇ ପାଟକୁରା ଥାନାରେ ଏତଲା ଦେଇଛନ୍ତି।

୨୦୨୦ ମସିହାରେ ନୂଆପଡ଼ାରୁ ସେକ୍ସନ୍ ଅଫିସ ଉଠିଆସି ବେଡ଼ାରୀ ଚତରା ଦଣ୍ଡା ପଡ଼ିଆରେ କାର୍ଯ୍ୟକ୍ଷମ ହେଉଛି। ଏଠାରେ ଅଫିସ ଚାଲିବା ସହ ବାଉଣ୍ଡରୀ ଘେରା ପରିସର ମଧ୍ୟରେ ବିପୁଳ ପରିମାଣର ବିଦ୍ୟୁତ୍ ସାମଗ୍ରୀ ଷ୍ଟକ୍ ରହିଥାଏ । ଉପରୋକ୍ତ ଲୁଟ୍ ଖବରପାଇ ମାର୍ଶାଘାଇ ବିଦ୍ୟୁତ୍ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ଓ ବିଭାଗୀୟ ଅନ୍ୟପଦସ୍ଥ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଏହି ସେକ୍ସନ ଅଫିସରୁ ବାରମ୍ବାର ବିଦ୍ୟୁତ୍ ସାମଗ୍ରୀ ଚୋରି ହେବାରେ ଲାଗିଛି। ସତେ ଯେମିତି ଚୋରମାନେ ପୁଲିସ ଓ ବିଦ୍ୟୁତ୍ କର୍ମଚାରୀଙ୍କୁ ଚ୍ୟାଲେଞ୍ଜ କରି ଲୁଟି ଚାଲିଛନ୍ତି। ଉଦାହରଣସ୍ୱରୂପ ଗତ ୨୦୨୨ ଏପ୍ରିଲ୍ ୧୭ ତାରିଖରେ ୧୬ଟି ଲୁହାଖୁଣ୍ଟ ଓ ୧୮ ତାରିଖରେ ଗୋଟିଏ ଲୁହାଖୁଣ୍ଟ କାଟି



ନେଇଯାଇଥିଲେ। ବିଭାଗୀୟ ଜେଇ ଏ ବାବଦରେ ପାଟକୁରା ଥାନାରେ ଏତଲା ମଧ୍ୟ ଦେଇଥିଲେ। ସେହିପରି ୨୦୨୩ ସେପ୍ଟେମ୍ବର ୧୪ ତାରିଖରେ ୮ ଲକ୍ଷ ଟଙ୍କା ମୂଲ୍ୟର ୨୩ କ୍ୱିଣ୍ଟାଲ୍ ମୋଟା ବିଜୁଳି ତାର ଲୁଟି ନେଇଥିଲେ। ସବୁ ଘଟଣାରେ ପାଟକୁରା ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଚୋର ଧରା ପଡ଼ିନାହିଁ କି ଚୋରି ସାମଗ୍ରୀ ଠାବ ହୋଇପାରିନାହିଁ।

ଅନ୍ୟପଟେ କେତେକ ଅସାଧୁ ବିଦ୍ୟୁତ୍ କର୍ମଚାରୀ ଏହି ଘଟଣାରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ପରୋକ୍ଷରେ ଆଲୋଚନା ମଧ୍ୟ ହେଉଛି। ଏବେକାର ଲୁଟପାଟ୍ ପରେ ବିଭାଗର ସିସିଟିଭି ଲଗାଇବାକୁ ଚେତା ପଶିଛି । ନୂଆପଡ଼ା-ଗରଦପୁର ୯ କିଲୋମିଟର ଆର୍‌ଡି ରାସ୍ତାକଡ଼ରେ ଏହି ଅଫିସ ରହିଛି। ରାସ୍ତାଟି ଅତ୍ୟନ୍ତ ନିର୍ଜନ ହୋଇଥିବାରୁ ଚୋର ଓ ଲୁଟେରାଙ୍କ ଚରାଭୂଇଁ ପାଲଟିଛି। ଏହି ରାସ୍ତାଦେଇ ତିର୍ତ୍ତୋଲ, କୋରୁଆ, ପାରାଦୀପ ଏନ୍‌ଏଚ୍, ହଳଦିଆଗଡ଼ା ଓ ମାର୍ଶାଘାଇକୁ ଯାଇହେବ। ତେଣୁ ଚୋରଙ୍କୁ ଗାଡ଼ି ଲଗାଇ ଲୁଟ୍ କରିବାରେ ମଧ୍ୟ କୌଣସି ଅସୁବିଧା ନହିଁ। ଗତ ୧୦ ଦିନ ଭିତରେ ପାଟକୁରାରେ ଥିବା କହ୍ନେଇଲାଲ ଜିଉ ମନ୍ଦିର, ଗ୍ରାମଦେବତୀ ମନ୍ଦିର ଓ ଯମୁନାବାଦ ପ୍ରାଣେଶ୍ୱର ଶିବ ମନ୍ଦିରକୁ ମଧ୍ୟ ଚୋରମାନେ ଛାଡ଼ି ନାହାନ୍ତି । କହ୍ନେଇଲାଲ ଜିଉ ମନ୍ଦିର ଓ ପାଟକୁରା ଗ୍ରାମଦେବତୀ ମନ୍ଦିରରୁ ଚୋରମାନେ ଦାନବାକ୍ସ ଲୁଟିବା ସହ ଯମୁନାବାଦ ପ୍ରାଣେଶ୍ୱର ଶିବ ମନ୍ଦିରରୁ ଠାକୁରଙ୍କ ପିତ୍ତଳ ବାସନ ଓ ଘଣ୍ଟ ଘଣ୍ଟା ଆଦି ଲୁଟି ନେଇଛନ୍ତି । ସେହିପରି ୨୭ ତାରିଖ ରାତିରେ ପାଟକୁରାର ଶ୍ରୀକାନ୍ତ ନନ୍ଦିଙ୍କ ଘର ସାମ୍ନାରୁ ଏକ ହୋଣ୍ଡା ୟୁନିକର୍ନ ବାଇକ୍ ଚୋରି ହୋଇଥିବାବେଳେ ଅନ୍ୟଜଣଙ୍କ ଘରୁ ସାଇକେଲ୍ ମଧ୍ୟ ଚୋରି ହୋଇଯାଇଛି। ତେବେ ପାଟକୁରା ପୁଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୋଟିଏ ବି ଘଟଣାରେ ସଫଳ ହୋଇପାରିନାହିଁ। ଖୁବ୍‌ଶୀଘ୍ର ଚୋର ଧରାପଡ଼ିବ ବୋଲି କୁହାଯାଉଛି।

# ମହୁମାଛି ଆକ୍ରମଣରେ ୧୫ ଆହତ

**ପଟ୍ଟାମୁଣ୍ଡାଇ,୨୯।୧୧/ଏନ୍‌ଏନ୍‌ଏସ୍:** କଷଣଅଣ୍ଟା ହାଇସ୍କୁଲ୍‌ରେ ଚାଲିଥିବା ବ୍ଲକ୍‌ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଏକ ଅଘଟଣ ଘଟିଛି। ନିକଟରେ ଥିବା ଏକ ଗଛରୁ ମହୁମାଛି ଉଡ଼ି ଆସି ଆକ୍ରମଣ କରିବା ଫଳରେ ସ୍କୁଲ୍ ଛାତ୍ରଛାତ୍ରୀ ସମେତ ୧୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ କଷଣଅଣ୍ଟାର ମହେନ୍ଦ୍ର ମଲିକ(୮), ଅଳଭାର ବ୍ରଜ କିଶୋର ନାୟକ (୫୫), କଷଣଅଣ୍ଟାର ମହେଶ ମହାନ୍ତି (୫୪) ଓ ମଥୁରୀ ସାମଲ (୭୦), ଗଣ୍ଡକୁଳର ସୌମ୍ୟ ମହାପାତ୍ର (୧୬), କଷଣଅଣ୍ଟାର କବିତା ମଲିକ (୪୦) ପ୍ରମୁଖ ରହିଛନ୍ତି । ବିଜ୍ଞାନ ପ୍ରଦର୍ଶନୀ ନିକଟରେ ଥିବା ଏକ ଗଛରେ ମହୁମାଛି ବସା କରିଥିଲା। କେହି ବ୍ୟକ୍ତି ଉକ୍ତ ବସାକୁ ଟେକା ମାରିବାରୁ ମହୁମାଛି ଉଡ଼ି ଆସି ବିଜ୍ଞାନମେଳାରେ ଥିବା ସ୍କୁଲ୍ ଛାତ୍ରଛାତ୍ରୀ ଓ ଅନ୍ୟମାନଙ୍କୁ ଆକ୍ରମଣ କରିଥିଲେ। ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ପ୍ରାକୃତିକ ଅଘଟଣ ପାଇଁ ପଟ୍ଟାମୁଣ୍ଡାଇ ବିଡିଓ ହରିହର ଦଳାଇ ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଅବକାରୀ ଚଢ଼ଉ, ୨ ଗିରଫ

**ସୋର,୨୯।୧୧/ଏନ୍‌ଏନ୍‌ଏସ୍:** ସୋର ଅବକାରୀ ବିଭାଗ ଗୁଡ଼ ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀ ଏବଂ ଆସ୍କାଫର୍ଟି ମଦ ଜବତ କରିଛି। ଏହାସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗୁଡ଼ ଗ୍ରାମରେ ଚଢ଼ଉ କରି ଲକ୍ଷ୍ମୀପ୍ରିୟା ରାଉଳଙ୍କ ନିକଟରୁ ୭.୫ ଲିଟର୍ ଆସ୍କାଫର୍ଟି ଲେମନ୍ ମଦ ଏବଂ ଅଇଁରୀ ଗ୍ରାମର କନକଲତା ମଲିକଙ୍କ ନିକଟରୁ ୧୦ ଲିଟର ଦେଶୀମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲା। ଏହି ଚଢ଼ଉରେ ଏଏସ୍‌ଆଇ ବସନ୍ତ କୁମାର ବାରିକ, କନେଷ୍ଟବଲ ଶଶୀକାନ୍ତ ସାହୁ ଓ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

ନିତିଦିନ NITIDIN

DISPLAY CLASSIFIED

Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

NURSING ADMISSION
GNM
Eligibility: +2Arts, Sc., Com.
Both Male & Female, Dur: 3yrs.
ANM
Eligibility: +2Pass-OnlyFemale, Dur: 2yrs
MOTHER'S NURSING SCHOOL
120-Kalinga Nagar, K-1, Ghatikia, BBSR-3, Permitted by: H&FW Dept., Govt of Odisha Affiliated by: Indian Nursing Council, Delhi, OdishaNursing Council, BBSR.
Contact: 9438004888 9861497933

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P.
Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK, JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST)
IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ
Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସମ୍ପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସମ୍ପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

